REGIONAL NEWS UNIT, AIR CUTTACK

Evening Bulletin (6.45 PM)

13 June – 2025

News Editor : Itishree Singh Rathaur

****

ମୁଖ୍ୟ ସମ୍ବାଦ

- ଅହମ୍ମଦାବାଦ ବିମାନ ଦୁର୍ଘଟଣାସ୍ଥଳ ଗସ୍ତକରି ସ୍ଥିତି ସମୀକ୍ଷା କଲେ ପ୍ରଧାନମନ୍ତ୍ରୀ
- ରାଜ୍ୟରେ ନାରୀ ଶକ୍ତିକୁ ଶ୍ରେଷ୍ଠ ଶକ୍ତି ଭାବେ ଗଢ଼ିତୋଳିବା ପାଇଁ ସରକାର ପ୍ରୟାସ କରୁଛନ୍ତି; କହିଲେ ମୁଖ୍ୟମନ୍ତ୍ରୀ
- ଯାଜପୁରରେ ଝାଡାବାନ୍ତି ସଂକ୍ରମଣ ନେଇ ବିଶେଷଜ୍ଞ ଦଳଙ୍କ ସ୍ଥିତି ଅନୁଧାନ; ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କଲେ ଜିଲ୍ଲାପାଳ

ଏବଂ

- ‘ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ’ର ବାର୍ତ୍ତା ନେଇ ଆସନ୍ତାକାଲି ଅନୁଷ୍ଠିତ ହେବ **ଯୋଗ ସଂଗମ**

ପିଏମ୍-ଅହମ୍ମଦାବାଦ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସକାଳେ ଅହମ୍ମଦାବାଦ ଗସ୍ତ କରି ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାରେ ଆହତ ହୋଇଥିବା ବ୍ୟକ୍ତିଙ୍କୁ ହସ୍ପିଟାଲରେ ଭେଟିଛନ୍ତି । ସାମାଜିକ ଗଣମାଧ୍ୟମରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଅହମ୍ମଦାବାଦର ଏହି ଦୁଃଖଦ ଘଟଣା ସମସ୍ତଙ୍କୁ ଗଭୀର ଆଘାତ ଦେଇଛି । ଯେଉଁଭଳି ଭାବରେ ଯାତ୍ରୀମାନଙ୍କର ଜୀବନହାନି ଘଟିଛି ତାହା ଶବ୍ଦରେ ପ୍ରକାଶ କରିବା ସମ୍ଭବ ନୁହେଁ । ମୃତକଙ୍କ ପରିବାର ପ୍ରତି ପ୍ରଧାନମନ୍ତ୍ରୀ ଗଭୀର ସମବେଦନା ପ୍ରକାଶ କରିଛନ୍ତି । ମୃତକଙ୍କ ପରିବାରର ପୀଡ଼ା ଓ ଦୁଃଖକୁ ସେ ବୁଝିପାରୁଛନ୍ତି ଏବଂ ସେମାନଙ୍କ ପାଇଁ ଏହି କ୍ଷତି ଅପୂରଣୀୟ ହୋଇ ରହିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଶ୍ରୀ ମୋଦୀ ବିମାନ ଦୁର୍ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି । ଦୁର୍ଘଟଣା ପରେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କର୍ମଚାରୀମାନଙ୍କୁ ସେ ସାକ୍ଷାତ କରିଛନ୍ତି । ଏହି ବିମାନ ଦୁର୍ଘଟଣାରେ ଏକମାତ୍ର ଜୀବିତ ବିଶ୍ୱାସ କୁମାରଙ୍କୁ ମଧ୍ୟ ପ୍ରଧାନମନ୍ତ୍ରୀ ହସ୍ପିଟାଲରେ ଭେଟିଥିଲେ ।

ଜାତୀୟ ତଦନ୍ତକାରୀ ସଂସ୍ଥା-ଏନ୍ଆଇଏର ଏକ ଟିମ୍ ଘଟଣାସ୍ଥଳ ପରିଦର୍ଶନ କରି ମାମଲାର ଯାଞ୍ଚ କରିଛନ୍ତି। ଅନ୍ୟ କେନ୍ଦ୍ରୀୟ ଏଜେନ୍ସୀ ସହ ଏନ୍ଆଇଏ ମଧ୍ୟ ଦୁର୍ଘଟଣାର ଯାଞ୍ଚ କରୁଥିବା ଜଣାପଡିଛି।

ସୂଚନାଯୋଗ୍ୟ ଗତକାଲି ଏୟାର ଇଣ୍ଡିଆର ବୋଇଙ୍ଗ ୭୮୭-୮ ବିମାନଟି ଉଡ଼ାଣ ଆରମ୍ଭ କରିବା ପରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ବିମାନରେ ଯାତ୍ରୀ ଓ ବିମାନ ପରିଚାଳନା ସଦସ୍ୟଙ୍କୁ ମିଶାଇ ୨୪୨ଜଣଙ୍କ

ମଧ୍ୟରୁ ୨୪୧ ଜଣଙ୍କର ମୃତ୍ୟୁ ଘଟିଥିବା ଏୟାର ଇଣ୍ଡିଆ ସ୍ପଷ୍ଟ କରିଛି । ବିମାନଟି ସ୍ଥାନୀୟ ବିଜେ ମେଡ଼ିକାଲ କଲେଜ ଆବାସିକ ସ୍ଥଳୀ ଉପରେ ପଡ଼ିବାରୁ ସେଠାରେ ଥିବା ୨୪ଜଣ ଡାକ୍ତରୀ ଛାତ୍ରଙ୍କ ମୃତ୍ୟୁଙ୍କ ଘଟିଛି । ବିମାନ ଖସିପଡ଼ିଥିବା ଅଞ୍ଚଳରେ ପାର୍କିଂ ହୋଇଥିବା ଅନେକ ଯାନବାହାନ କ୍ଷତିଗ୍ରସ୍ତ ହୋଇଛି ।

ନାରୀ ଶକ୍ତି ସମାବେଶ

ରାଜ୍ୟରେ ନାରୀଶକ୍ତିକୁ ସବୁଠାରୁ ଶ୍ରେଷ୍ଠ ଶକ୍ତି ଭାବେ ଗଢ଼ିତୋଳିବା ପାଇଁ ସରକାର ପ୍ରୟାସ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। କଟକ ବାଲିଯାତ୍ରା ପଡିଆରେ ନାରୀ ଶକ୍ତି ସମାବେଶକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ସରକାର ମହିଳାଙ୍କ ଶକ୍ତି ଓ ସମ୍ଭାବନାକୁ ଏକ ଉତ୍ସବ ରୂପେ ପାଳନ କରି ଆସୁଛନ୍ତି। ନୂଆ ସରକାରର ଏକବର୍ଷ ମଧ୍ୟରେ ନାରୀ ସଶକ୍ତୀକରଣ ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ କାର୍ଯ୍ୟକାରୀ କରାଯାଇଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ରାଜ୍ୟରେ ସୁଭଦ୍ରା ଯୋଜନା ମାଧ୍ୟମରେ ୧ କୋଟିରୁ ଊର୍ଦ୍ଧ୍ୱ ମହିଳାଙ୍କୁ ସାମିଲ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଶ୍ରୀ ମାଝୀ କହିଛନ୍ତି, ଦୁର୍ଗମ ଓ ଆଦିବାସୀ ଅଧ୍ୟୁଷିତ ଅଂଚଳରେ ସରକାରୀ ଯୋଜନାର ସୁଫଳ ପହଞ୍ଚାଇବା ପାଇଁ ସରକାରଙ୍କ ବିଭିନ୍ନ ବିଭାଗ କାର୍ଯ୍ୟ କରୁଛନ୍ତି। ଲକ୍ଷପତି ଦିଦି ସୃଷ୍ଟିରେ ରାଜ୍ୟ ଦେଶରେ ଏକ ନମ୍ବର ସ୍ଥାନରେ ରହି ନୂତନ ମାଇଲଖୁଣ୍ଟ ସ୍ଥାପନ କରିଛି। କେନ୍ଦ୍ର

ସରକାରଙ୍କ ସହ ସମନ୍ୱୟ ରକ୍ଷାକରି ୱାନ୍‌ଷ୍ଟପ୍ ସଖୀ ସେଣ୍ଟର, ବେଟୀ ବଚାଓ, ବେଟୀ ପଢ଼ାଓ, ମହିଳା ହେଲ୍ପଲାଇନ୍ ପ୍ରତିଷ୍ଠା କରାଯାଇଛି ।

ଆଗାମୀ ଦିନରେ 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାକୁ ଖୁବ୍ ଶୀଘ୍ର ରାଜ୍ୟରେ କାର୍ଯ୍ୟକାରୀ କରାଯିବ । ମହିଳାଙ୍କ ସମ୍ମାନ ଓ ଲିଙ୍ଗଗତ ପ୍ରଭେଦକୁ ଦୂର କରିବା ପାଇଁ ସରକାର ଶତ ଚେଷ୍ଟିତ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । କାର୍ଯ୍ୟକ୍ରମରେ ଦୁଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା ଏବଂ ସାଂସଦ ଭର୍ତ୍ତୃହରି ମହତାବ ପ୍ରମୁଖ ଉପସ୍ଥିତ ଥିଲେ ।

ବେସାମରିକ ସ୍ୱେଚ୍ଛାସେବୀ ଭତ୍ତା ବୃଦ୍ଧି

ରାଜ୍ୟ ସରକାର ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀମାନଙ୍କ ଦୈନିକ ଡ୍ୟୁଟି ଭତ୍ତା ବୃଦ୍ଧି କରିଛନ୍ତି । ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀମାନଙ୍କ ଦୈନିକ ଡ୍ୟୁଟି ଭତ୍ତା ୧୫୦ ଟଙ୍କାକୁ ବୃଦ୍ଧି ହୋଇଥିବାବେଳେ ପ୍ରଶିକ୍ଷଣ ଭତ୍ତା ୧୪୦ ଟଙ୍କାକୁ ବୃଦ୍ଧି କରାଯାଇଛି । ଏହି ବର୍ଦ୍ଧିତ ଭତ୍ତା ପିଛିଲା ଭାବେ ମଇ ମାସ ପହିଲାଠାରୁ ଲାଗୁ ହେବ ବୋଲି କୁହାଯାଇଛି ।

ଶୃଙ୍ଖଳିତ ରଥଯାତ୍ରା

ଚଳିତବର୍ଷ ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ପୁରୀ ରେଲୱେ ଷ୍ଟେସନଠାରେ ଆତଙ୍କବାଦୀ ନିରୋଧି ମକ୍‌ଡ୍ରିଲ୍ କରାଯାଇଛି । ଆରପିଏଫ୍, ଜିଆରପି, ସ୍ପେଶାଲ କମାଣ୍ଡୋ, ଏସ୍‌ଓଜି, ଅଗ୍ନିଶମବାହିନୀ, ଓଡ୍ରାଫ୍, ଜିଲ୍ଲା ପୁଲିସ୍ ସମେତ ୧୧ଟି ଟିମ୍‌ର ମିଳିତ ସହଯୋଗରେ ଏହି ମକ୍‌ଡ୍ରିଲ୍ କରାଯାଇଛି ।

ଭଦ୍ରକରେ ଇଣ୍ଟରନେଟ୍ ସେବା ବନ୍ଦ

ଭଦ୍ରକ ଜିଲ୍ଲା ଗୋଷ୍ଠୀ ସଂଘର୍ଷକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଜାରି କରାଯାଇଥିବା ଇଣ୍ଟରନେଟ୍ ବନ୍ଦ କଟକଣାକୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଘଟଣାକୁ ନେଇ ୧୬ ନମ୍ବର ଜାତୀୟ ରାଜପଥରେ ରାସ୍ତାରୋକ୍ କରାଯାଇଥିଲା। ସ୍ଥାନୀୟ ସାଂସଦ, ବିଧାୟକ ଓ ଜିଲ୍ଲାପାଳ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ରାସ୍ତାରୋକ୍ ପ୍ରତ୍ୟାହୃତ ହୋଇଛି। ଗଣ୍ଡଗୋଳ ଘଟଣାରେ ସମ୍ପୃକ୍ତ ୧୨ ଜଣଙ୍କୁ ପୁଲିସ୍ ଗିରଫ କରି ତଦନ୍ତ ଜାରି ରଖିଛି। ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି। ଜିଲ୍ଲାର ତିହିଡି, ଧାମନଗର ଏବଂ ଭଦ୍ରକ ପୌରାଞ୍ଚଳରେ ଇଣ୍ଟରନେଟ୍ ସେବା ବନ୍ଦ ରହିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି।

ସୂଚନାଯୋଗ୍ୟ, ତିହିଡି ବ୍ଲକ କୁବେରା ପଞ୍ଚାୟତର କସଟି ଗ୍ରାମରେ ଦୁଇଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ଚିକିତ୍ସାଧୀନ ଅବସ୍ଥାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୃତକଙ୍କ ପରିବାରବର୍ଗଙ୍କୁ ୧୦ ଲକ୍ଷ ଟଙ୍କାର ସହାୟତା ଏବଂ ଜଣକୁ ସରକାରୀ ଚାକିରି ଦେବାକୁ ଘୋଷଣା କରିଛନ୍ତି।

ଯୋଗ ଦିବସ-ଉଦ୍‌ଘାଟନ

କେନ୍ଦ୍ରୀୟ ସଂଚାର ବ୍ୟୁରୋ ଏବଂ ଭାରତୀୟ ଯୋଗ ସଂସ୍ଥାନ ପକ୍ଷରୁ ଭୁବନେଶ୍ୱରଠାରେ ଯୋଗ ସଂଗମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

କାର୍ଯ୍ୟକ୍ରମରେ ଯୋଗଗୁରୁମାନେ ଲୋକଙ୍କୁ ବିଭିନ୍ନ ଆସନ ଓ ପ୍ରାଣାୟାମ ଅଭ୍ୟାସ କରାଇବା ସହ ଦୈନ୍ୟନ୍ଦିନ ଜୀବନରେ ଯୋଗର ଉପକାରିତା ସମ୍ପର୍କରେ ଅବଗତ କରାଇଛନ୍ତି। ସୂଚନାଯୋଗ୍ୟ, ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ନୂଆଦିଲ୍ଲୀର ଜାତୀୟ ଗଣମାଧ୍ୟମ କେନ୍ଦ୍ରରେ ଏକାଦଶ ଅନ୍ତର୍ଜାତୀୟ ଯୋଗ ଦିବସର ଉଦ୍‌ଘାଟନ ହୋଇଯାଇଛି । ଏଥିସହ ଚଳିତବର୍ଷ ଯୋଗ ମହାସମାରୋହର ଆନୁଷ୍ଠାନିକ ଶୁଭାରମ୍ଭ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୧ ତାରିଖ ଦିନ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାଠାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ । ଚଳିତବର୍ଷ ଯୋଗଦିବସର ବାର୍ତ୍ତା ରହିଛି- ‘ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ’ ।

ବିକାଶମେଳା

ମାଲକାନଗିରି ଜିଲ୍ଲାସ୍ତରୀୟ ବିକାଶମେଳାର ଦ୍ୱିତୀୟ ଦିନରେ ଆଜି ମହିଳା ସଶକ୍ତୀକରଣ ସମ୍ମିଳନୀ ଆୟୋଜିତ ହୋଇଛି। ସମ୍ମିଳନୀରେ କେନ୍ଦ୍ର ସରକାରଙ୍କ ଲକ୍ଷପତି ଦିଦି ଯୋଜନା ମାଧ୍ୟମରେ ଅଧିକ ଲକ୍ଷପତି ଦିଦି ସୃଷ୍ଟି କରାଯିବାକୁ ପ୍ରୋତ୍ସାହନ ଦିଆଯିବା ନିମନ୍ତେ ଆଲୋଚନା ହୋଇଛି।

୧ ବର୍ଷ ପୂର୍ତ୍ତି

ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ **ଗଞ୍ଜାମ** ଜିଲ୍ଲାରେ ଆଜି ବିକାଶ ବାହନ ଯାତ୍ରାର ଶୁଭାରମ୍ଭ ହୋଇଛି। ଜିଲ୍ଲା ନଗର ଉନ୍ନୟନ ସଂସ୍ଥା ପକ୍ଷରୁ ସୁସଜ୍ଜିତ ବିକାଶ ବାହନକୁ ଆଜି ଅତିରିକ୍ତ ଜିଲ୍ଲାପାଳ

ଦେବଦତ୍ତ ପଣ୍ଡା ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ବିକାଶ ବାହନ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ସହରାଞ୍ଚଳ ବୁଲି ସରକାରଙ୍କ ବିଭିନ୍ନ ଯୋଜନା ସମ୍ବନ୍ଧରେ ଲୋକମାନଙ୍କୁ ସଚେତନ କରାଇବ।

ଜଳାଶୟ ଗଣନା

ସମ୍ବଲପୁର ଜିଲ୍ଲାରେ ସପ୍ତମ କ୍ଷୁଦ୍ର ଜଳସେଚନ ଗଣନା, ଦ୍ୱିତୀୟ ଜଳାଶୟ ଗଣନା ଏବଂ ପ୍ରଥମ ଝରଣା ଗଣନା ପାଇଁ ଜିଲ୍ଲାସ୍ତରୀୟ ଉପକମିଟି ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲାରେ ଥିବା ବୃହତ୍ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ ଏବଂ ଝରଣାଗୁଡ଼ିକୁ ସର୍ଭେରେ ଅନ୍ତର୍ଭୁକ୍ତ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଗଣନା କାର୍ଯ୍ୟ ଜୁଲାଇ ପ୍ରଥମ ସପ୍ତାହରୁ ଆରମ୍ଭ ହୋଇ ୬ ମାସ ମଧ୍ୟରେ ଶେଷ କରାଯିବାକୁ ବୈଠକରେ ସ୍ଥିର ହୋଇଛି।

ଯୋଗ ଦିବସ

‘ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ’ର ବାର୍ତ୍ତା ନେଇ ଆସନ୍ତାକାଲି ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ନୂଆଦିଲ୍ଲୀଠାରେ ବିଶ୍ୱ ଯୋଗ ସମ୍ମିଳନୀ ‘ଯୋଗ ସଙ୍ଗମ’ର ଆୟୋଜନ କରାଯିବ। ୧୧ତମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ସ୍ୱରୂପ ଏହି ସମ୍ମିଳନୀରେ ୧ ହଜାରରୁ ଊର୍ଦ୍ଧ୍ୱ ଅଂଶଗ୍ରହଣକାରୀ ଯୋଗଦେବେ। ଏଥିରେ ବିଭିନ୍ନ ଦେଶର ଯୋଗ ବିଶେଷଜ୍ଞମାନେ ମଧ୍ୟ ଅଂଶଗ୍ରହଣ କରିବେ। ସମ୍ମିଳନୀରେ ଯୋଗ ସମ୍ପର୍କିତ ବିଭିନ୍ନ ଅଧିବେଶନର ଆୟୋଜନ କରାଯିବ।

ଯୋଗଦିବସ ପାଳନ

ବୌଦ୍ଧ ଜିଲ୍ଲା ପ୍ରଶାସନ ପକ୍ଷରୁ ଚଳିତବର୍ଷ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯିବା ନେଇ ବୈଠକ ହୋଇଛି। ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବୌଦ୍ଧଗଡ଼ ବିଜ୍ଞପିତ ଅଂଚଳ ପରିଷଦ ଓ ଜିଲ୍ଲା କ୍ରୀଡା ବିଭାଗ ନେତୃତ୍ୱରେ ସମସ୍ତ କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ହୋଇଛି।

ମାଓବାଦୀ ଗିରଫ

ମାଲକାନଗିରି ଜିଲ୍ଲା ମାଥିଲି ଥାନା ଅନ୍ତର୍ଗତ ସୋଡିଗୁଡ଼ା ଏବଂ ତେନ୍ତୁଳିଗୁଡ଼ା ଜଙ୍ଗଲରୁ ୨ ଜଣ ମାଓବାଦୀ କେଶା କଓ୍ୱାସୀ ଓ ସାନୁ କୁଞ୍ଜାମଙ୍କୁ ସୁରକ୍ଷାକର୍ମୀ ଗିରଫ କରିଛନ୍ତି। ଉଭୟଙ୍କ ନିକଟରୁ ଇଲେକ୍ଟ୍ରିକ୍ ଡିଟୋନେଟର, ୬ ରାଉଣ୍ଡ ଗୁଳି, ବ୍ୟାଟେରୀ ସହ ବହୁ ଅପରାଧିକ ସାମଗ୍ରୀ ଜବତ କରାଯାଇଛି।

ପିଏମ୍ ଆବାସ

ଭଦ୍ରକ ପୌରାଞ୍ଚଳରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀଙ୍କ କାର୍ଯ୍ୟାଦ୍ଦେଶ ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ସାଂସଦ ଅଭିମନ୍ୟୁ ସେଠୀ ଓ ବିଧାୟକ ସୀତାଂଶୁ ଶେଖ ମହାପାତ୍ର ୨୦୫ ଜଣ ହିତାଧିକାରୀଙ୍କୁ ଆବାସ ଯୋଜନାର କାର୍ଯ୍ୟାଦ୍ଦେଶ ବଣ୍ଟନ କରିଛନ୍ତି।

ପାଣିପାଗ

ରାଜ୍ୟରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ବର୍ଷା ଜାରି ରହିବ ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି।

ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡଘଡ଼ି ସହ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଅନ୍ୟପକ୍ଷରେ ବର୍ଷାର ପ୍ରଭାବରେ ରାଜ୍ୟରେ ତାପମାତ୍ରା ହ୍ରାସ ପାଇଛି ।

****